# ୧ ମାର୍ଚ୍ଚ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼

**ଓ୍ୱହଦ୍ ଯୁଦ୍ଧରେ ହଜରତ ହମ୍‌ଜାଃ [ର.ଅ]ଙ୍କର ଶହିଦ୍ ହେବା ଏବଂ ଅନ୍‌ସାରୀ ମହିଳାମାନଙ୍କର ନିଜ ଶହିଦ୍ ପରିଜନଙ୍କ ପାଇଁ ବିଳାପ କରିବା, ହଜରତ ମୁସେଏବ ବିନ୍ ଉମେର [ର.ଅ]ଙ୍କର ଶହିଦ୍ ହେବାରେ ହଜରତ ମୁହମ୍ମଦ [ସ.ଅ]ଙ୍କର ତାଙ୍କ ପାଇଁ ବିଶେଷ ଦୁଆ ଏବଂ ସେହି ଅବସରରେ ଉତ୍ସର୍ଗୀ ସାହାବିୟାତ୍‌ମାନଙ୍କର ଅନୁକରଣୀୟ ଭୂମିକା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ମୁସଲେହ୍ ମଉଦ[ର.ଅ] ଓ୍ୱହଦ୍ ଯୁଦ୍ଧର (ଉକ୍ତ) ପରିସ୍ଥିତି ବର୍ଣ୍ଣନା କରି କହିଲେ; ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ଆଘାତ ଓ ଶହିଦ୍ ହୋଇଥିବା ମୁସଲମାନମାନଙ୍କୁ ଏକତ୍ରିତ କଲେ । କ୍ଷତାକ୍ତମାନଙ୍କ ସେବାଶୁଶ୍ରୁଷା ଓ ପ୍ରାଥମିକ ଚିକିତ୍ସା କରାଗଲା ଏବଂ ଶହିଦ୍‌ମାନଙ୍କୁ ସମାଧି ଦେବାର ବ୍ୟବସ୍ଥା କରାଗଲା । ସେତେବେଳେ ଜ୍ଞାତ ହେଲା ଯେ, ଅମାନ୍ୟକାରୀମାନେ କେତେକ ସାହାବାଙ୍କୁ କେବଳ ଶହିଦ୍ କରି ନାହାନ୍ତି ବରଂ ସେମାନଙ୍କ କର୍ଣ୍ଣ ଓ ନାସିକା କାଟି ଦେଇଛନ୍ତି । ଏହା ଦେଖି ହଜୁର [ସ.ଅ]ଙ୍କୁ ବହୁତ କଷ୍ଟ ହେଲା । ସେମାନଙ୍କ ମଧ୍ୟରେ ଆପଣ [ସ.ଅ]ଙ୍କର ଚଚା ହଜରତ ହମ୍‌ଜାଃ[ର.ଅ] ମଧ୍ୟ ସାମିଲ ଥିଲେ । ହଜୁର[ସ.ଅ] କହିଲେ; ଅମାନ୍ୟକାରୀମାନେ ସ୍ୱୟଂ ନିଜ କାର୍ଯ୍ୟକଳାପ ଦ୍ୱାରା ନିଜ ପାଇଁ ଏପରି ପ୍ରତିବଦଳ ବୈଧ କରି ଦେଇଛନ୍ତି ଯାହାକୁ ଆମେ ଅବୈଧ ମଣୁଥିଲୁ । ସେତେବେଳେ ପରମେଶ୍ୱରଙ୍କ ନିକଟରୁ ଦୈବିବାଣୀ ଅବତୀର୍ଣ୍ଣ ହେଲା ଯେ, **ଅମାନ୍ୟକାରୀମାନେ ଯାହା କରୁଛନ୍ତି ସେମାନଙ୍କୁ କରିବାକୁ ଦିଅ । ତୁମେ ଦୟା ଓ ନ୍ୟାୟକୁ ସର୍ବଦା ଜାବୁଡ଼ି ରଖ ।**

ହଜରତ ହମ୍‌ଜାଃ [ର.ଅ]ଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସଂକ୍ରାନ୍ତରେ ଉଲ୍ଲେଖ ରହିଛି । ତାଙ୍କୁ ଗୋଟିଏ କପଡ଼ାରେ କଫନ ଦିଆଯାଇଥିଲା । ଯେତେବେଳେ ତାଙ୍କର ଶିର ଢ଼ଙ୍କା ଯାଉଥିଲା ସେତେବେଳେ ତାଙ୍କ ପାଦ ଫୁଙ୍ଗୁଳା ହୋଇ ଯାଉଥିଲା  ଆଉ ଯେତେବେଳେ ପାଦ ଢ଼ଙ୍କା ଯାଉଥିଲା ସେତେବେଳେ ତାଙ୍କ ମସ୍ତକ ଫୁଙ୍ଗୁଳା ହୋଇ ଯାଉଥିଲା । ଏଥିରେ ହଜୁର[ସ.ଅ] କହିଲେ; ହଜରତ ହମ୍‌ଜାଃ [ର.ଅ]ଙ୍କର ମୁଖ ଢ଼ାଙ୍କିଦିଅ ଏବଂ ପାଦକୁ (ଅଜ୍‌ଖର୍) ଘାସରେ ଘୋଡ଼ାଇ ଦିଅ ।

ସାଧାରଣତଃ ଶହିଦ୍‌ମାନଙ୍କ ପାଇଁ ତାଙ୍କ ପରିଜନମାନେ ବିଳାପ କରିଥାନ୍ତି । କିନ୍ତୁ ରସୁଲୁଲ୍ଲାଃ[ସ.ଅ] (ଏହି କୁପ୍ରଥାର) ଅତି ସୁନ୍ଦର ଶୈଳୀରେ ମୂଳୋତ୍ପାଟନ କରିଦେଲେ । ଗୋଟିଏ ବର୍ଣ୍ଣନାନୁଯାୟୀ ହଜରତ ଅବ୍ଦୁଲ୍ଲାଃ ବିନ୍ ଉମର[ର.ଅ] କୁହନ୍ତି; ହଜୁର[ସ.ଅ] ଓ୍ୱହଦ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଶୁଣିବାକୁ ପାଇଲେ କି ଅନ୍‌ସାର ମହିଳାମାନେ ନିଜ ସ୍ୱାମୀଙ୍କର ଶହିଦ୍ ହେବା ଫଳରେ ବିଳାପ କରୁଛନ୍ତି । ଏଥିରେ ଆପଣ[ସ.ଅ] କହିଲେ; କ'ଣ କଥା ହଜରତ ହମ୍‌ଜାଃ [ର.ଅ]ଙ୍କ ପାଇଁ କେହି ବିଳାପ କରୁ ନାହାନ୍ତି । ଯେତେବେଳେ ଏହି ସୂଚନା ଅନ୍‌ସାର ମହିଳାମାନଙ୍କୁ ମିଳିଲା ସେତେବେଳେ ସେମାନେ ହମ୍‌ଜାଃ [ର.ଅ]ଙ୍କ ପାଇଁ ବିଳାପ କରିବାକୁ ଏକତ୍ରିତ ହେଲେ । ସେହି ସମୟରେ ସମ୍ଭବତଃ ହଜୁର[ସ.ଅ] ମସଜିଦ୍‌ରେ ବିଶ୍ରାମ କରୁଥିଲେ ଏବଂ ମହିଳାମାନେ ସେଠାରୁ ସାମାନ୍ୟ ବ୍ୟବଧାନରେ (ଏକ

କୋଠରୀରେ) ବିଳାପ କଲେ । ଆଉ ହଜୁର[ସ.ଅ] ଚେଇଁବା ପରେ ମଧ୍ୟ ସେମାନେ ସେହିପରି ରୋଦନ କରୁଥିଲେ । ଅତଏବ ଆପଣ[ସ.ଅ] ଖବର ଦେଲେ ସେମାନଙ୍କୁ କହିଦିଅ କି ଏଠାରୁ ନିଜ ନିଜ ଘରକୁ ଚାଲିଯାନ୍ତୁ । ଅଧିକନ୍ତୁ ନିର୍ଦ୍ଦେଶ ଦେଲେ କି ଆଜି ଠାରୁ କୌଣସି ମୃତକ ପାଇଁ ବିଳାପ କରିବେ ନାହିଁ । ଏପରି ଅତ୍ୟନ୍ତ ବୁଦ୍ଧିମତାର ସହ ହଜୁର[ସ.ଅ] ଅନ୍‌ସାର ମହିଳାମାନଙ୍କ ଭାବାବେଗର ଖିଆଲ ରଖିଥିଲେ । ଅର୍ଥାତ ସେମାନଙ୍କୁ ନିଜ ସ୍ୱାମୀ ଓ ଭ୍ରାତାମାନଙ୍କ ଚିରକାଳ ପାଇଁ ବିଦାୟ ବିଳାପରେ ରୋଦନ କରିବା ପରିବର୍ତ୍ତେ ହଜରତ ହମ୍‌ଜାଃ [ର.ଅ]ଙ୍କର ଚର୍ଚ୍ଚା କଲେ କି ତାଙ୍କ ପାଇଁ ରୋଦନକାରୀ ଏହି ଜଗତରେ କେହି ନାହାନ୍ତି, ଯେ ତାଙ୍କ ବିରହର ଶୋକ ସନ୍ତାପନା କରିବ । ହଜରତ ହମ୍‌ଜାଃ [ର.ଅ]ଙ୍କର ଶହିଦ୍ ହେବା ଓ ତାଙ୍କ ମର ଶରୀର ସହ ଅତି ନିର୍ମମ ଓ କୃର ଆଚରଣକୁ ଦେଖି ନବୀଶ୍ରେଷ୍ଠ ଭୀଷଣ ଦୁଃଖରେ ଅଧୀର ହୋଇ ଉଠିଲେ । କିନ୍ତୁ ଯେତେବେଳେ ଦେଖିଲେ କି ଅନ୍‌ସାର ମହିଳାମାନେ ବିଳାପ କରିବାରୁ ବିରତ ରହୁ ନାହାନ୍ତି । ସୁତରାଂ ସେହି କୁପ୍ରଥାର ମୂଳୋତ୍ପାଟନ କରିବା ସକାଶେ ନିଜ (ପରିଜନଙ୍କ ବିଦାୟର) ନମୁନା ଉପସ୍ଥାପନ କରି ଧୈର୍ଯ୍ୟ ରକ୍ଷା କରିବାକୁ ଉଦ୍‌ବୋଧନ ଦେଲେ, ଏପରି ଶିକ୍ଷା ଯାହାକି ପ୍ରଭାବଶାଳୀ ଥିଲା । ଆଉ ଯେପର୍ଯ୍ୟନ୍ତ ହଜରତ ହମ୍‌ଜାଃ [ର.ଅ]ଙ୍କ ବିରହ ବିଚ୍ଛେଦରେ ରସୁଲୁଲ୍ଲାଃ [ସ.ଅ]ଙ୍କୁ ଅସହ୍ୟ କଷ୍ଟ ପହଞ୍ଚିବାର ସମ୍ପର୍କ ରହିଛି ତାହା ତ ହଜୁର [ସ.ଅ]ଙ୍କୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ରହିଥିଲା, ଯାହାକି ଆପଣ[ସ.ଅ] ସ୍ମରଣ କରି ସର୍ବଦା ମର୍ମାହତ ହେଉଥିଲେ ।

ହଜରତ ମୁସଏବ [ର.ଅ]ଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସଂକ୍ରାନ୍ତରେ ଉଲ୍ଲେଖ ରହିଛି, ଯେତେବେଳେ ହଜୁର[ସ.ଅ] ହଜରତ ମୁସଏବଙ୍କ ନିକଟରେ ପହଞ୍ଚିଲେ ସେତେବେଳେ ତାଙ୍କର ମରଶରୀର ତଳ ମୁହାଁ ହୋଇ ପଡ଼ି ରହିଥିଲା । ତାଙ୍କୁ ଦେଖି ହଜୁର[ସ.ଅ] ଏହି ଆୟତ ଆବୃତ୍ତି କଲେ ଯେ, ବିଶ୍ୱାସକାରୀମାନଙ୍କ ମଧ୍ୟରୁ ଏପରି (ସତ୍‌ପୁରୁଷ) ଅଛନ୍ତି ଯେଉଁମାନେ ନିଜ ପାଳନକର୍ତ୍ତା ସହ କରିଥିବା ପ୍ରତିଜ୍ଞା ବାସ୍ତବରେ ପୂରଣ କରି ଦେଖାଇଲେ । ସୁତରାଂ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଯୁଦ୍ଧରେ ସାମିଲ ହୋଇ ନିଜ ଶପଥ ପୂରଣ କରିଦେଲେ (ନିହତ ହେଲେ), ଆଉ ସେମାନଙ୍କ ମଧ୍ୟରେ ଏପରି ବ୍ୟକ୍ତି ମଧ୍ୟ ରହିଛନ୍ତି ଯେଉଁମାନେ ଏବେ ବି (ତାହା ଲଭିବାକୁ) ଅପେକ୍ଷାରତ । ଏହି ଆୟତ ଆବୃତ୍ତି କରି ଆପଣ[ସ.ଅ] କହିଲେ; ଅଲ୍ଲାଃଙ୍କ ରସୁଲ ସାକ୍ଷ୍ୟ ଦେଲେ କି ତୁମେମାନେ ପ୍ରଳୟ ଦିବସରେ ମଧ୍ୟ ଶହିଦ୍‌ମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ରହିବ । ସେଥିଅନ୍ତେ ସାହାବାମାନଙ୍କୁ ନିର୍ଦ୍ଦେଶ ଦେଲେ, ଏମାନଙ୍କୁ ଦେଖିନିଅ ଏବଂ ତାଙ୍କ ପାଇଁ ମଙ୍ଗଳ କାମନା (ସଲାମ୍) କର । ସେହି ପରମ ସତ୍ତ୍ୱାଙ୍କ ରାଣ ଯାହାଙ୍କ ହାତ ମୁଠାରେ ମୋର ଜୀବନ ନାଟିକା ରହିଛି ! ପ୍ରଳୟ ଦିବସ ପର୍ଯ୍ୟନ୍ତ ଯେ କେହି ତାଙ୍କୁ ସଲାମ୍ କରିବ ସେମାନେ ତାହାକୁ (ସଲାମ୍)ର ଉତ୍ତର ଦେବେ ।

ଓ୍ୱହଦ୍ ଯୁଦ୍ଧଦିନ ହଜୁର[ସ.ଅ] ଶହିଦ୍‌ମାନଙ୍କ ଅନ୍ତ୍ୟେଷ୍ଟିକ୍ରିୟା ପରେ ସମସ୍ତ ମୁସଲମାନମାନଙ୍କୁ ଏକତ୍ରିତ କରି ଦୁଆ କଲେ, ହେ ଅଲ୍ଲାଃ ! ସକଳ ପ୍ରଶଂସାର ତୁମେ ହିଁ ଅଧିକାରୀ । ହେ ଅଲ୍ଲାଃ ! ଯେଉଁ ବସ୍ତୁକୁ ତୁମେ ପ୍ରଶସ୍ତ କରିଦିଅ ତାହାକୁ କେହି ପ୍ରତିରୋଧ କରିପାରିବେ ନାହିଁ ଏବଂ ଯାହାକୁ ତୁମେ ଅଟକାଇ ଦିଅ ତାହାକୁ କେହି ପ୍ରଦାନ କରିପାରିବେ ନାହିଁ । ଆଉ ଯାହାର ତୁମେ ପଥଭ୍ରଷ୍ଟ କର ତାହାକୁ କେହି ସତ୍‌ପଥ ପ୍ରଦର୍ଶିତ କରିପାରିବେ ନାହିଁ । ଆଉ ଯାହାକୁ ତୁମେ ସତ୍‌ପଥ ପ୍ରଦର୍ଶିତ କରାଇଥାଅ ତାହାର କେହି ହେଲେ ମଧ୍ୟ ମାର୍ଗଚ୍ୟୁତ କରି ପାରିବେ ନାହିଁ । ଆଉ ଯେଉଁ ବସ୍ତୁକୁ ତୁମେ ଅବରୋଧ କରିଦିଅ ତାହା କେହି ହେଲେ ମଧ୍ୟ ପ୍ରଦାନ କରି ପାରିବେ ନାହିଁ । ଆଉ ଯାହା ତୁମେ ପ୍ରଦାନ କରିବାର ମନସ୍ଥ କରିଦିଅ ତାହାକୁ କେହି ରୋକି ରଖିବାର କ୍ଷମତା ରଖି ନଥାନ୍ତି । ଯାହାକୁ ତୁମେ ଦୂର କରିଦିଅ ତାହାକୁ କେହି ନିକଟତର କରିପାରିବେ ନାହିଁ । ଆଉ ଯାହା ତୁମେ ନିକଟବର୍ତ୍ତୀ କରିଦିଅ ତାହାକୁ କେହି ଦୂରେଇ ଦେଇପାରିବେ ନାହିଁ... ହେ ଅଲ୍ଲାଃ ! ଆମମାନଙ୍କୁ ମୁସଲମାନ ହେବା ଅବସ୍ଥାରେ ମୃତ୍ୟୁ ଦିଅ ଏବଂ ଆମମାନଙ୍କୁ ମୁସଲମାନ ହେବା ଅବସ୍ଥାରେ ଜୀବିତ ରଖ । ଆମକୁ ପୁଣ୍ୟବାନଙ୍କ ସହ ଏପରି ସଂଶ୍ଲିଷ୍ଟ

କରିଦିଅ କି ନା ଆମେ ଅପଦସ୍ତ ହେଉ ନା କୌଣସି ଧର୍ମସଙ୍କଟରେ ପତିତ ହୋଇଯାଉ ଏବଂ ହେ ଅଲ୍ଲାଃ, ହେ ପରମବ୍ରହ୍ମ ! ଏହି ଅମାନ୍ୟକାରୀଙ୍କୁ ବିନାଶ କରିଦିଅ ଯେ ତୁମ ଅବତାରଙ୍କୁ ମିଥ୍ୟାବାଦୀ ଦର୍ଶାଉଛନ୍ତି ଏବଂ ତୁମ ମାର୍ଗରୁ ଲୋକମାନଙ୍କୁ ଅଟକାଉଛନ୍ତି ତଥା ସେମାନଙ୍କ ଉପରେ ନିଜ ଦଣ୍ଡ ଓ କୋପ ଅବତୀର୍ଣ୍ଣ କର । ହେ ଅଲ୍ଲାଃ ! ଗ୍ରନ୍ଥଧାରୀ (ୟହୁଦି)ଙ୍କୁ ନାଶ କରିଦିଅ । ଆମିନ୍ ।

ଓ୍ୱହଦ୍ ଯୁଦ୍ଧରେ ମୁସଲମାନ ମହିଳାମାନେ ମଧ୍ୟ ପୁରୁଷମାନଙ୍କ ସହିତ ଶତ୍ରୁର ମୁକାବିଲା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରଥିଲେ । ଓ୍ୱହଦ୍ ଯୁଦ୍ଧରେ ହଜରତ ଉମ୍ମେ କୁଲ୍‌ସୁମ୍ ର.ଅଙ୍କର ସାମିଲ ହୋଇଥିବାର ଉଲ୍ଲେଖ ମିଳୁଅଛି । ଏହିପରି ବର୍ଣ୍ଣନାକାରୀ କହନ୍ତି; ଓ୍ୱହଦ୍ ଯୁଦ୍ଧଦିନ ମୁଁ ହଜରତ ଆଏଶା ର.ଅ ଓ ହଜରତ ଉମ୍ମେ କୁଲ୍‌ସୁମ୍ ର.ଅଙ୍କୁ ଦେଖିଲି କି ସେ ଜଳପାତ୍ରରେ ଜଳପୂର୍ଣ୍ଣ କରି ଶୋଷିଲାମାନଙ୍କୁ ଜଳପାନ କରାଉ ଥିଲେ । ହଜରତ ଅବୁ ସଇଦ୍ ଖୁଦରୀ ର.ଅଙ୍କର ମାତା ଉମ୍ମେ ସୁଲେତ୍ ଏବଂ ହଜରତ ଉମ୍ମେ ଅତିୟା ର.ଅଙ୍କ ସଂକ୍ରାନ୍ତରେ ମଧ୍ୟ ଏହି ବର୍ଣ୍ଣନା ମିଳୁଅଛି । ଏହିପରି ଆହୁରି କେତେକ ମୁସଲାମାନ ମହିଳା ବର୍ଚ୍ଛା ଓ ଖଣ୍ଡା ଧରି ଶତ୍ରୁ ସହିତ ମୁହାଁମୁହିଁ ଲଢ଼ି ଥିଲେ । ସେମାନଙ୍କ ମଧ୍ୟରେ ହଜରତ ଉମ୍ମେ ଅମାରାଃ ର.ଅଙ୍କର ନାମ ଶିର୍ଷରେ ରହିଛି । ପୁନଶ୍ଚ ହଜରତ ଫାତିମା ର.ଅ ହଜୁର ସ.ଅଙ୍କର କ୍ଷତ ସ୍ଥାନକୁ ପରିଷ୍କାର କରିଥିବାର ବର୍ଣ୍ଣନା ମିଳୁଅଛି । ଏହିପରି ଆଉ ଏକ ବର୍ଣ୍ଣନାନୁଯାୟୀ ହଜରତ ଆଏଶା ର.ଅ ଓ୍ୱହଦ୍ ଯୁଦ୍ଧର ଖବର ଜାଣିବା ସକାଶେ କିଛି ମହିଳାମାନଙ୍କ ସାଥିରେ ଘରୁ (ପଦାକୁ) ବାହାରିଲେ ଏବଂ ତାଙ୍କର ସାକ୍ଷାତ ହଜରତ ଉମ୍‌ରୋ ର.ଅଙ୍କ କନ୍ୟା ହିନ୍ଦ୍ ସହିତ ହେଲା । ହିନ୍ଦ୍ ଅବଦୁଲ୍ଲାଃ ବିନ୍ ଉମ୍‌ରୋ ର.ଅଙ୍କର ଭଗିନୀ ଥିଲା । ସେ ନିଜ ଓଟକୁ ତଡ଼ି ନେଉଥିଲେ । ଯେଉଁ ଓଟ ଉପରେ ହଜରତ ହିନ୍ଦ୍‌ଙ୍କ ସ୍ୱାମୀ, ପୁତ୍ର ଓ ଭାଇଙ୍କର ମରଶରୀର ରହିଥିଲା । ହଜରତ ଆଏଶା ର.ଅ ତାଙ୍କୁ ରଣକ୍ଷେତ୍ରର ଖବର ପଚାରିବାରୁ ହଜରତ ହିନ୍ଦ୍ ଉତ୍ତର ଦେଲେ, ରସୁଲୁଲ୍ଲାଃ ସ.ଅ ସୁରକ୍ଷିତ ଅଛନ୍ତି ଏବଂ ଆପଣ ସ.ଅ ସକୁଶଳେ ଥିବା ପର୍ଯ୍ୟନ୍ତ ଆମ ଉପରୁ ସମସ୍ତ ପ୍ରକାରର ବିପତ୍ତି ଓ ସମସ୍ୟା ଅପସରି ଯିବ । ସେ ନିଜର ତିନିଜଣ ନିକଟ ସମ୍ପର୍କିୟ ଅର୍ଥାତ ସ୍ୱାମୀ, ପୁତ୍ର ଓ ଭାଇଙ୍କର ମରଶରୀର ବହନ କରିଥିଲେ । କିନ୍ତୁ ପଚାରିବାରୁ କି ବିଶ୍ୱାସବର୍ଦ୍ଧକ ଉତ୍ତର ଦେଲେ କି ଯେତେବେଳେ ରସୁଲୁଲ୍ଲାଃ ସ.ଅ ସୁରକ୍ଷିତ ଅଛନ୍ତି ତେବେ ସବୁକିଛି ଠିକ୍ ଅଛି । ବାକି ଏମାନଙ୍କୁ ତ ମୁଁ ସମାଧି ଦେବି । ସେ ପୁନଶ୍ଚ କହିଲେ; **ଯେତେବେଳେ ରସୁଲୁଲ୍ଲାଃ ସ.ଅ ସକୁଶଳେ ଅଛନ୍ତି ତେବେ ଆଉ କୌଣସି ଦୁବିଧା ନାହିଁ ।** ଦେଖ କିପରି ଉଚ୍ଚସ୍ତରରେ ତାଙ୍କର ବିଶ୍ୱାସ ବିଦ୍ୟମାନ ରହିଥିଲା ।

ହଜରତ ଉମ୍ମେ ଅମାରାଃ ର.ଅ କୁହନ୍ତି; ଓ୍ୱହଦ୍ ଯୁଦ୍ଧରେ ଯେତେବେଳେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ମାତ୍ର କେତେଜଣ ହାତଗଣତି ସାହାବି ରହିଯାଇଥିଲେ ସେତେବେଳେ ମୁଁ ଦୌଡ଼ିଯାଇ ହଜୁର ସ.ଅଙ୍କ ନିକଟରେ ପହଞ୍ଚିଲି ଏବଂ ଖଣ୍ଡା ଧରି ଅମାନ୍ୟକାରୀଙ୍କୁ ଆପଣ ସ.ଅଙ୍କ ନିକଟତର ହେବାକୁ ଅବରୋଧ କଲି । ଏଥିସହିତ ବାଣ ଚାଳନା ମଧ୍ୟ କରିଚାଲି ଏପର୍ଯ୍ୟନ୍ତ କି ମୁଁ କ୍ଷତାକ୍ତ ହୋଇଗଲି । ହଜରତ ଉମ୍ମେ ଐମନ୍ ଆଘାତ ସାହାବାମାନଙ୍କୁ ଜଳପାନ କରାଉଥିଲେ, ଇତିମଧ୍ୟରେ ଜଣେ ଅମାନ୍ୟକାରୀ ତାଙ୍କୁ ଶର ମାରିଲା, ଯାହାକି ତାଙ୍କ କମିଜ୍‌ରେ ବିଧ ହୋଇଗଲା । ଏହା ଦେଖି ସେହି ହତଭାଗାମାନେ ପରିହାସ ପୂର୍ବକ ହସିବାକୁ ଲାଗିଲେ । ଏଥିରେ ହଜୁର ସ.ଅ ହଜରତ ସାଦ୍ ବିନ୍ ଅବି ଓ୍ୱକାସ୍ ର.ଅଙ୍କୁ ଗୋଟିଏ ତୀର ପ୍ରଦାନ କଲେ ଯାହାର ଫଳକ ଭାଙ୍ଗି ଯାଇଥିଲା, ସେ ତାହାକୁ ଉକ୍ତ ଅମାନ୍ୟକାରୀଙ୍କ ଆଡ଼କୁ ଚାଳନ କଲେ । ଯାହାକି ସମ୍ପୃକ୍ତ ବ୍ୟକ୍ତି ଶରୀରରେ ବାଜିଲା ଏବଂ ସେ ଉଲଗ୍ନ ହୋଇଗଲା । ଏଥିରେ ହଜୁର ସ.ଅ ସ୍ମିତହାସ୍ୟ ପ୍ରକାଶ କରି ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କଲେ ଯେ, **ପରାକ୍ରମୀ ଅଲ୍ଲାଃ ଉକ୍ତ ଅମାନ୍ୟକାରୀକୁ ଏପରି ତୀର ଦ୍ୱାରା ରାସ୍ତାରୁ ହଟାଇ ଦେଲେ ଯାହାର ଫଳକ ହିଁ ନଥିଲା** ଅର୍ଥାତ ତୁଚ୍ଛା ମାତ୍ର ଏକ ବାଡ଼ି (କାଠି) ଥିଲା । ଅର୍ଥାତ ସେହି ସାମାନ୍ୟ ବସ୍ତୁ ଉକ୍ତ ଅମାନ୍ୟକାରୀର ନାଶ କରିଦେଲା ।

ଜଣେ ବ୍ୟାଖ୍ୟାକାରୀ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ବୀରତା, ପରାକାଷ୍ଠା ଓ ପାରଦର୍ଶୀତାର ଚର୍ଚ୍ଚା କରି ଉଲ୍ଲେଖ କରିଛନ୍ତି ଯେ, ଯେତେବେଳେ ଖାଲିଦ୍ ବିନ୍ ଓଲିଦ୍ [ର.ଅ]ଙ୍କ ନେତୃତ୍ୱରେ କୁରୈଶର ଅଶ୍ୱାରୋହୀ ହଜରତ ଅବଦୁଲ୍ଲାଃ ବିନ୍ ଜୁବେର ଓ ତାଙ୍କ ସାଥିମାନଙ୍କୁ ଶହିଦ୍ କରି ଇସଲାମୀୟ ସେନାର ପଶ୍ଚାତ ପାର୍ଶ୍ୱରେ ପହଞ୍ଚି ଗଲେ, ପରୀକ୍ଷାର ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ ହଜୁର[ସ.ଅ] ଅଦମ୍ୟ ସାହସ ଓ ପ୍ରତିଭା ପ୍ରତିପାଦିତ ହେଲା । କାରଣ ଆପଣ [ସ.ଅ]ଙ୍କ ନିଜ ଜୀବନର ଭ୍ରୂକ୍ଷେପ ନକରି ସାହାବାଙ୍କ ଜୀବନ ରକ୍ଷା କରିବାର ନିଷ୍ପତ୍ତି ନେଇଥିଲେ ଏବଂ ଉଚ୍ଚସ୍ୱରରେ ସାହାବାଙ୍କୁ ଡ଼ାକରା ଦେଲେ, କି ହେ ଅଲ୍ଲାଃଙ୍କ ଭକ୍ତମାନେ ! ଏହି ପାର୍ଶ୍ୱକୁ ଚାଲିଆସ । ହଜୁର [ସ.ଅ]ଙ୍କର ସ୍ୱର ସମ୍ପୂର୍ଣ୍ଣ ରଣଭୂମି ଗୁଞ୍ଜି ଉଠିଲା । ସାହାବାଗଣ ମଧ୍ୟ ଉକ୍ତ ଜଟିଳ ପରିସ୍ଥିତିକୁ ଅନୁଭବ କରି ନେଇଥିଲେ । କାରଣ ସେମାନେ ହଜୁର [ସ.ଅ]ଙ୍କ ଠାରୁ ବେଶ୍ ଦୂରରେ (ଲଢୁ) ଥିଲେ । ସୁତରାଂ ତାଙ୍କ ପୂର୍ବରୁ କୁରୈଶର ଏକ ଅଶ୍ୱାରୋହୀ ଦଳ ହଜୁର [ସ.ଅ]ଙ୍କ ଉପରେ ଆକ୍ରମଣ କରିଦେଲା ଏବଂ ବାକି ଅଶ୍ୱାରୋହୀମାନେ ତୀବ୍ର ବେଗରେ ହଜୁର [ସ.ଅ]ଙ୍କୁ ଘେରିବା ଆରମ୍ଭ କଲେ ।

ସେତେବେଳେ ହଜୁର[ସ.ଅ] କ୍ଷତାକ୍ତ ଅବସ୍ଥାରେ ମଧ୍ୟ ସତେଜ ଓ ସଜାଗପୂର୍ଣ୍ଣ ସେନାଧକ୍ଷ ପରି ସାହାବାଙ୍କର ମାର୍ଗଦର୍ଶନ କଲେ ଏବଂ ତାଙ୍କୁ ଉତ୍ସାହିତ କରିବାର ବର୍ଣ୍ଣନା ମିଳୁଅଛି । ଉତ୍‌ବା ବିନ୍ ଅବି ୱକାସ ହଜୁର [ସ.ଅ]ଙ୍କ ଉପରକୁ ମାରିଲା, ଯାହାକି ହଜୁର [ସ.ଅ]ଙ୍କ ପବିତ୍ର ମୁଖରେ ବାଜିଲା । ଫଳତଃ ଆପଣ [ସ.ଅ]ଙ୍କର ସମ୍ମୁଖର ଦୁଇଟି ଦାନ୍ତ ଓ ତୀକ୍ଷ୍ଣ ଦାନ୍ତର ମଧ୍ୟବର୍ତ୍ତୀ ଦାନ୍ତଟି ଭାଙ୍ଗିଗଲା ଏବଂ ଏଥିସହିତ ଆପଣଙ୍କ ତଳ ଓଠଟି ମଧ୍ୟ ଫାଟିଗଲା । ହଜୁର[ସ.ଅ] ଉତ୍‌ବା ବିନ୍ ଅବି ୱକାସକୁ ଅଭିଶାପ ସ୍ୱରୂପ ତାହାର ଅମଙ୍ଗଳ କାମନା କରି ଦୁଆ କଲେ ହେ ପ୍ରଭୁ ! ଗୋଟିଏ ବର୍ଷ ମଧ୍ୟରେ ଏହି ଦୁର୍ଜନ ଅମାନ୍ୟକାରୀକୁ ନିପାତ କରିଦିଅ । ଅଲ୍ଲାଃତାଲା ଆପଣ [ସ.ଅ]ଙ୍କର ଏହି ଦୁଆ ସ୍ୱୀକାର କରିଦେଲେ ଏବଂ ଅଲ୍ଲାଃଙ୍କର ସେହି ଶତ୍ରୁ ସେହିଦିନ ହାତିବ୍ ବିନ୍ ଅବି ବଲ୍‌ତାଙ୍କ ଦ୍ୱାରା ନିହତ ହେଲା ।

ଖୁତବାର ଦ୍ୱିତୀୟ ପର୍ଯ୍ୟାୟରେ ମହାମହିମ ହଜୁର ଅନଓ୍ୱର[ଅ.ବ] ଶ୍ରୀମାନ ଗସାନ୍ ଖାଲିଦୁଲ୍ ନକିବ୍ ସାହେବ ସିରିୟା ନିବାସୀ । ଶ୍ରୀମତି ନୌଶାବାଃ ମୁବାରକ ସାହେବା ପତ୍ନୀ ଶ୍ରୀମାନ ଜଲିସ୍ ଅହେମଦ୍ ମୁରବୀ ସିଲ୍‌ସିଲା ଆରକାଇଓ ଓ ଅଲ୍‌ହକମ୍ ବିଭାଗ । ଶ୍ରୀମତି ରଜିୟା ସୁଲତାନାଃ ସାହେବା ପତ୍ନୀ ଶ୍ରୀମାନ ଅବ୍ଦୁଲ୍ ହମିଦ୍ ଖାନ୍ ସାହେବ ରବଓ୍ୱା ନିବାସୀ । ଶ୍ରୀମତି ବୁଶ୍‌ରା ବେଗମ୍ ପତ୍ନୀ ଶ୍ରୀମାନ ଡ଼ାଃ ମୁହମ୍ମଦ ସଲିମ୍ ସାହେବ ଲାହୋର ନିବାସୀ । ଶ୍ରୀମାନ ରଶିଦ୍ ଅହେମଦ ଚୌଧରୀ ସାହେବ ନରଓ୍ୱେ ନିବାସୀ । ଏସମସ୍ତଙ୍କର (ପ୍ରିୟ ହଜୁର ଅନଓ୍ୱର[ଅ.ବ]) ଉତ୍ତମ ଚରିତ୍ର ଚର୍ଚ୍ଚା କରି ସେମାନଙ୍କ ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ। ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।